

ଖମାରସାହି ପୂଜା ପ୍ରତିଷ୍ଠାନର ମେଢ ।



ଦୁର୍ଗାବଜାର ପୂଜା ପ୍ରତିଷ୍ଠାନର ମେଢ। ଫଟୋ-ମାନସ

# ଖମାରସାହିରେ ଗଣେଶ ପୂଜା ଜମୁଛି

ଢେଙ୍କାନାଳ,୧୧।୯(ରତନ ନାୟାର)

ଢେଙ୍କାନାଳ ସହର ଖମାରସାହିଠାରେ ବିକାଶ ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ହେଉଥିବା ଗଣେଶ ପୂଜା ଉତ୍ସବ ଜମିବାରେ ଲାଗିଛି । ଦୁଇଦିନ ଧରି ପରମ୍ପରାକୁ ବଜାୟ ରଖି ପୂଜା ଅନୁଷ୍ଠାନ ପକ୍ଷରୁ ପାଲା, ଦାସକାଠିଆ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସେହିପରି ବୁଧବାର ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ପୂର୍ବତନ ବିଧାୟକ ତଥା ଖମାରସାହି ଲକ୍ଷ୍ମୀପୂଜା କମିଟିର ସଭାପତି ସୁଧୀର କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଢେଙ୍କାନାଳରେ ସମସ୍ତ ପର୍ବପର୍ବାଣୀକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ସେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତଙ୍କୁ ଅନୁରୋଧ କରିଥିଲେ । ଢେଙ୍କାନାଳର ପୂଜା ଉତ୍ସବଗୁଡିକରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରା ପରମ୍ପରା ସବୁଠୁ ନିଆରା ବୋଲି ପୂର୍ବତନ ବିଧାୟକ କହିଥିଲେ। ଖମାରସାହି ଲକ୍ଷ୍ମୀପୂଜା କମିଟିର କାର୍ଯ୍ୟକାରୀ ସଭାପତି



ବିକାଶ ୟୁଥ୍ କ୍ଲବ ପକ୍ଷରୁ ଗଣେଶ ପୂଜା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ସୁକାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଓକିଲ ସଂଘର ପୂର୍ବତନ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଜିଲା ସାମ୍ବାଦିକ ସଂଘର ସମ୍ପାଦକ ସତ୍ୟସ୍ୱରୂପ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଖମାରସାହି ଲକ୍ଷ୍ମୀପୂଜା କମିଟିର ସମ୍ପାଦକ ସୁଶାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚକ୍ରଧର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ସୁଶାନ୍ତ ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସେହିପରି ବିକାଶ ୟୁଥ୍ କ୍ଲବ ସଭାପତି ପ୍ରଭାତ ସାହୁ ଓ ସର୍ବେଶ୍ୱର ପତ୍ରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରଥିଲେ । ଏହି ଅବସରରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ନିଜର ସାଥିଙ୍କ ସହ ସଙ୍ଗୀତ ପରିବେଷଣ କରିଥିଲେ । ତାଙ୍କର ଜନ୍ମଦିନ ଅବସରରେ ଅନୁଷ୍ଠାନ ପକ୍ଷରୁ ଏକ କେକ୍ କାଟି ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ଢେଙ୍କାନାଳର ବରିଷ୍ଠ ଯୁବ କଣ୍ଠଶିଳ୍ପୀ ଅଂଶୁମାନ ଭରଦ୍ୱାଜ ମଧ୍ୟ ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ ।

# ଟ୍ରାଙ୍କୁଲାଇଜର ଲାଗି ଗୁରୁତର ଫରେଷ୍ଟର ବିପଦମୁକ୍ତ

ଢେଙ୍କାନାଳ,୧୧।୯(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ କଙ୍କଡ଼ାହାଡ଼ ସେକ୍ସନ କେରଜୋଳିଠାରେ ଏକ ଭାଲୁକୁ ମଙ୍ଗଳବାର ଟ୍ରାଙ୍କୁଲାଇଜର କରାଯାଉଥିବା ବେଳେ ଟ୍ରାଙ୍କୁଲାଇଜର ବାଜି ବିରାଶାଳ ଫରେଷ୍ଟର ଦୀପକ ସାହୁ ଗୁରୁତର ହୋଇଥିଲେ । ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା। କଟକଠାରେ ଚିକିତ୍ସିତ ଫରେଷ୍ଟର ବିପଦମୁକ୍ତ ଏବଂ ସୁସ୍ଥ ହୋଇଥିବା ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ଉପଦ୍ରବ କରୁଥିବା ଏକ ଭାଲୁକୁ ଟ୍ରାଙ୍କୁଲାଇଜର କରିବା ବେଳେ ଦୁର୍ଭାଗ୍ୟଜନକ ଭାବେ ମିସ୍ ଫାୟାର ହୋଇ ଫରେଷ୍ଟରଙ୍କଠାରେ ଲାଗିଥିଲା। ଆମେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ କଟକ ନେଇ ତାଙ୍କର ଅଧିକ ଚିକିତ୍ସା କରିଛୁ । ସେ ବର୍ତ୍ତମାନ ବିପଦମୁକ୍ତ ଓ ସୁସ୍ଥ ଅଛନ୍ତି ବୋଲି ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଥିଲେ।



ଟ୍ରାଙ୍କୁଲାଇଜର ପୂର୍ବରୁ ଫରେଷ୍ଟର ଦୀପକ ସାହୁ କର୍ମଚାରୀଙ୍କ ସାଙ୍ଗରେ ଭାଲୁଥିବା ଜାଗାକୁ ଦେଖାଉଛନ୍ତି।

# ମିନାବଜାର, ଗଣେଶ ବଜାର ଲକ୍ଷ୍ମୀପୂଜା କମିଟିର ମାଟି ଅନୁକୂଳ



କମିଟିର ସଦସ୍ୟମାନେ ମାଟି ଅନୁକୂଳ କରୁଛନ୍ତି।

ଢେଙ୍କାନାଳ,୧୧।୯(ରତନ ନାୟାର)

ରାଧାଷ୍ଟମୀ ଅବସରରେ ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ପାଇଁ ଶ୍ରୀଶ୍ରୀ ମଉଡ଼ମଣୀ ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମିନାବଜାର ଓ ଶ୍ରୀଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଗଣେଶ ବଜାର ପକ୍ଷରୁ ବୁଧବାର ବ୍ରାହ୍ମଣୀ ନଦୀରୁ ମାଟି ଅନୁକୂଳ କରାଯାଇଛି । ମିନାବଜାର ଲକ୍ଷ୍ମୀପୂଜା କମିଟି ପକ୍ଷରୁ ସକାଳେ ବ୍ରାହ୍ମଣୀ ନଦୀ କୂଳରେ ଯଥା ରୀତିରେ ପୂଜାନୀତି କରାଯାଇ ମାଟି ଅନୁକୂଳ ହୋଇଥିଲା। ଅନୁକୂଳ ମାଟିକୁ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଘଣ୍ଟ, ଶଙ୍ଖ, ବାଦ୍ୟ ଓ କିର୍ତ୍ତନ ମାଧ୍ୟମରେ ପୂଜା ମଣ୍ଡପକୁ ଆଣିଥିଲେ। ଏହାପରେ ମା'ଙ୍କର ମୃଣ୍ମୟ ମୂର୍ତ୍ତି ନିର୍ମାଣ ହେବ। ମୀନାବଜାର ଟ୍ରଷ୍ଟର ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ, ପୂଜା କମିଟି ସଭାପତି ରବି ନାରାୟଣ ମହାନ୍ତି, ଟ୍ରଷ୍ଟ ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ସାହୁ, ପୂଜା କମିଟି କାର୍ଯ୍ୟକାରୀ ସଭାପତି ନିରଦ କୁମାର ସାହୁ, ପୂଜା କମିଟି ସମ୍ପାଦକ ପୀତବାସ ସାହୁ, ଟ୍ରଷ୍ଟ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା ଓ ଟ୍ରଷ୍ଟ କୋଷାଧ୍ୟକ୍ଷ ଲୋକନାଥ ମହାପାତ୍ର, କମିଟି ଟ୍ରେଜରର ଦୟାନିଧି ବେହେରା, ଉପସଭାପତି ଦିଲୀପ କୁମାର ସାହୁ, ଉଦୟନାଥ ବେହେରା ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ଗଣେଶ ବଜାର ପୂଜା କମିଟି ପକ୍ଷରୁ ମଧ୍ୟ ଘଣ୍ଟ, ଶଙ୍ଖ, ବାଦ୍ୟ ଓ କିର୍ତ୍ତନ ମାଧ୍ୟମରେ ବ୍ରାହ୍ମଣୀ ନଦୀ କୂଳରୁ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କରାଯାଇଥିଲା। ପୂଜା କମିଟିର ସମ୍ପାଦକ ମହମ୍ମଦ ରଫିକ୍, ଟ୍ରଷ୍ଟ ସମ୍ପାଦକ ଅତୁଲ କୁମାର ନାୟକ, ଉପଦେଷ୍ଟା ବସନ୍ତ କୁମାର ସାହୁ, ପୂଜା କମିଟି ଉପସଭାପତି ଶରତ କୁମାର ସାହୁଙ୍କ ସମେତ ଶ୍ରୀକାନ୍ତ କୁମାର ସାହୁ, ଜଗନ୍ନାଥ ହୋତା, ମାଧବ ସିଲ, ବାବାଜୀ ସାହୁ, ବିଶ୍ୱନାଥ ବେହେରା ଓ ଶ୍ୟାମସୁନ୍ଦର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଅକ୍ଟୋବର ୧୬ ତାରିଖ ଠାରୁ ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

# ସରବେରଣୀ ଗ୍ରାମରେ ବିନା ଡିଜେରେ ଭସାଣି



ପରଜଙ୍ଗ, ୧୧।୯ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରବେରଣୀ ଗ୍ରାମରେ ମଙ୍ଗଳବାର ପରଜଙ୍ଗ ପୋଲିସ ପ୍ରଶାସନର ନିର୍ଦ୍ଦେଶକୁ ସମ୍ମାନ ଜଣାଇ ସାଆନ୍ଦା ସରବେରଣୀ ସିଦ୍ଧିବିନାୟକ ପୂଜା କମିଟି ଚଳିତ ବର୍ଷ ବିନା ଡିଜେରେ ଗଜାନନଙ୍କ ଭସାଣି ଉତ୍ସବ ପାଳନ କରିଛି। ପାରମ୍ପରିକ ବାଦ୍ୟ ଘଣ୍ଟ, ଶଙ୍ଖ ବଜାଇ ଭସାଣି ହୋଇଥିବାରୁ ଅଞ୍ଚଳର ବୟସ୍କ ଓ ବୁଦ୍ଧିଜୀବୀମାନେ ଖୁସିବ୍ୟକ୍ତ କରିବା ସହ ପୂଜା କମିଟି ତଥା ବୀଣାପାଣି କ୍ଲବ ସରବେରଣୀ ସଭାପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାଦ୍ୱାରା ନୂତନ ଯୁବ ପିଢିଙ୍କ ଉପରେ ଏକ ସକରାତ୍ମକ ପ୍ରଭାବ ପଡିବ ବୋଲି ଆଶା ରଖିଛନ୍ତି।

# ୧୩ରେ ଢେଙ୍କାନାଳ ଗଣେଶ ପୂଜା ଭସାଣି

- ସକାଳ ୯ରୁ ଆରମ୍ଭ, ରାତି ୯ରେ ଶେଷ
- ଡିଜେ, ଅଶ୍ଳୀଳ ନୃତ୍ୟ ସଙ୍ଗୀତ ନିଷେଧ
- ଶାନ୍ତିଶୃଙ୍ଖଳାର ସହ ସାରିବାକୁ ଶପଥ ନେଲେ କମିଟି କର୍ମକର୍ତ୍ତା

ଢେଙ୍କାନାଳ,୧୧।୯(ରତନ ନାୟାର)



ଗଣେଶ ପୂଜା ଭସାଣି ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଢେଙ୍କାନାଳ ଗଣେଶ ପୂଜା ଭସାଣି ୧୩ ତାରିଖ ଦିନ ଅନୁଷ୍ଠିତ ହେବ। ଏଥିପାଇଁ ଜିଲା ପୋଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଧ୍ୟକ୍ଷତା କରି ଏସ୍‌ପି ମଡକର ସନ୍ଦିପ ସମ୍ପଦ ଭସାଣି ଶୋଭାଯାତ୍ରାରେ ସମୟାନୁବର୍ତ୍ତିତା ହେବା ସହ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଭସାଣି ଦିନ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ସମବେତ ହୋଇଥିବା ମେଢ଼ଗୁଡିକ ମଧ୍ୟରେ ଲଟେରୀ ହୋଇ କ୍ରମିକ ନମ୍ବର କରାଯିବ। ଏହାପରେ କ୍ରମିକ ନମ୍ବର ଅନୁଯାୟୀ ମେଢ଼ଗୁଡ଼ିକ ସକାଳ ୯ଟାରେ ମିନି ଷ୍ଟାଡିୟମଠାରୁ ବାହାରି ରାତି ୯ଟା ସୁଦ୍ଧା ଭସାଣି ଶୋଭାଯାତ୍ରା ଶେଷ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଚଳିତବର୍ଷ ଭସାଣି ଶୋଭାଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ପୂଜା କମିଟିର କର୍ମକର୍ତ୍ତାମାନେ ଶପଥ ନେଇଥିଲେ। ଚଳିତବର୍ଷ ଭସାଣି ଶୋଭାଯାତ୍ରାରେ ଡିଜେ, ଗ୍ୟାସ୍ ଲାଇଟ୍, ଅଶ୍ଳୀଳ ନୃତ୍ୟ ସଙ୍ଗୀତକୁ ନିଷେଧ କରାଯାଇଛି। ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ଯାଇ ସହରସ୍ଥିତ କାଠଶଙ୍ଖ, କୁଞ୍ଜକାନ୍ତ ପୋଖରୀ, ଜେଲ ପୋଖରୀ ଓ ସିମିଳିଆ ପୋଖରୀଠାରେ ବିସର୍ଜନ ହେବ ବୋଲି ଜଣାପଡ଼ିଛି। ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟିର ସଭାପତି ସୁଧାଂଶୁ କୁମାର ଦଳେଇ ଭସାଣି ଶୋଭାଯାତ୍ରା ସମ୍ପର୍କରେ ବୈଠକରେ ଆଲୋକପାତ କରିଥିଲେ। ସେହିପରି ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠି, ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦଗାତା ଓ ସୂର୍ଯ୍ୟମଣୀ ପ୍ରଧାନ, ସଦର ଏସ୍‌ଡିପିଓ ବିଭୁତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ସନ୍ଦିପ ଷଡଙ୍ଗୀ ଓ ସମସ୍ତ ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଢେଙ୍କାନାଳ ସହରରେ ୩୬ଟି ପୂଜା ଅନୁଷ୍ଠାନ ତରଫରୁ ଗଣେଶ ପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି ।

# ହିନ୍ଦୋଳ ଏନ୍‌ଏସିରେ ସୁଭଦ୍ରା ରଥକୁ ସ୍ୱାଗତ

ସାତମାଇଲ, ୧୧।୯ (ସୁଶାନ୍ତ ପତି)

ଓଡ଼ିଶା ସରକାରଙ୍କ ତରଫରୁ ମହିଳା ସଶକ୍ତୀକରଣ ପାଇଁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଘରେ ଘରେ ସୁଭଦ୍ରା ଯୋଜନା ପହଞ୍ଚାଇବା ଲକ୍ଷ୍ୟରେ ସାରା ରାଜ୍ୟରେ ବୁଲୁଛି ସୁଭଦ୍ରା ରଥ। ଏହି ପରିପେକ୍ଷୀରେ ଢେଙ୍କାନାଳ ଜିଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହିନ୍ଦୋଳ ଏନ୍‌ଏସିଠାରେ ପହଞ୍ଚିଥିବା 'ସୁଭଦ୍ରା ରଥ'କୁ ହିନ୍ଦୋଳ ଏନ୍‌ଏସି ଅଧ୍ୟକ୍ଷ କେଶବଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରି ଏହାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଏନ୍‌ଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, ହିନ୍ଦୋଳ ତହସିଲଦାର ଦିଲ୍ଲୀପ କୁମାର ସେଠୀ, ଏନଏସି ନିର୍ବାହୀ ଅଧିକାରୀ ନିରଞ୍ଜନ ଗୁରୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାଉନସିଲର, ଅଙ୍ଗନୱାଡି କର୍ମୀ, ସ୍ୱଚ୍ଛସାଥୀ ଓ ସମସ୍ତ ଏନଏସି କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିବା ସହ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।




# ହଙ୍ଗର ହାକର୍ସ କେଫ୍ ଉଦ୍‌ଘାଟିତ



ହଙ୍ଗର ହାକର୍ସ କେଫ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ଢେଙ୍କାନାଳ,୧୧।୯(ରତନ ନାୟାର)

ଢେଙ୍କାନାଳ ସହର ମହାବୀର ବଜାରଠାରେ ହଙ୍ଗର ହାକର୍ସ କେଫ୍ ନାମକ ଏକ ଫୁଡ୍ ପ୍ଲାଜା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି ଓ ସ୍ଥାନୀୟ କାଉନସିଲର ଲକ୍ଷ୍ମୀପ୍ରିୟା ଦଳେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେଫ୍‌ର ପ୍ରୋପ୍ରାଇଟର ଚିତ୍ତରଞ୍ଜନ ମହାନ୍ତି, ନିବେଦିତା ମହାନ୍ତି ଓ ଲିଜାରାଣୀ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଢେଙ୍କାନାଳ ସହରବାସୀଙ୍କ ପାଇଁ ବିଭିନ୍ନ ପ୍ରକାରର ଖାଦ୍ୟ ହଙ୍ଗର ହାକର୍ସ କେଫ୍‌ରେ ମିଳିବ ବୋଲି ପ୍ରୋପ୍ରାଇଟର ସୂଚନା ଦେଇଥିଲେ। ଏହି ଅବସରରେ ସ୍ଥାନିୟ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ଓ ଜନସାଧାରଣ ଉପସ୍ଥିତ ଥିଲେ ।



ଖମାରସାହି ଗଣେଶ ପୂଜାରେ ଅଭିଜିତ ମଜୁମଦାର ଓ ସାଥୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ରାଜ୍ୟସ୍ତରୀୟ ଲୋକନୃତ୍ୟ ନୂଆଁଖାଇ ପାଳିତ

**ନୃତ୍ୟଶିଳ୍ପୀ ମଧୁସ୍ମିତାଙ୍କୁ ନୃତ୍ୟାଂଶୀ ସମ୍ମାନ**

ଢେଙ୍କାନାଳ,୧୧।୯(ରତନ ନାୟାର)

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ଗୃହଠାରେ ନୃତ୍ୟ ସଂଗୀତ ଅନୁଷ୍ଠାନ ନୀତା ନୃତ୍ୟାଙ୍ଗନା ସହରରେ ପ୍ରଥମ କରି ରାଜ୍ୟସ୍ତରୀୟ ଲୋକନୃତ୍ୟ ନୂଆଁଖାଇ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ସମ୍ବଲପୁର, ଅନୁଗୁଳ, କଟକ, ଭୁବନେଶ୍ୱର, ଯାଜପୁର ଓ ଟିଗିରିଆ ଆଦିରୁ ଅନୁଷ୍ଠାନ ସମେତ ୨୦୦ ପ୍ରତିଯୋଗୀ ଯୋଗଦାନ କରି ଚିତ୍ତାକର୍ଷକ ଲୋକନୃତ୍ୟ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ବିଶିଷ୍ଟ ପାଲା ଗାୟକ ଡ. ଦୁର୍ଗାମାଧବ ପୃଷ୍ଟି, ଅନୁଷ୍ଠାନର ନିର୍ଦ୍ଦେଶକ ନାଟ୍ୟକାର ପରେଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ନୃତ୍ୟଗୁରୁ ଆଶିଷ କୁମାର ପାଲ୍ ପ୍ରମୁଖ ପ୍ରଦୀପ ଜାଳି ଉଦ୍‌ଘାଟନ କରିବା ପରେ ପ୍ରତିଯୋଗିତାକୁ ଆରମ୍ଭ କରାଯାଇଥିଲା । ବିଚାରକ ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ସନ୍ତୋଷ କୁମାର ଦାଶ, ଗୁରୁ ଜିତେନ୍ଦ୍ର କୁମାର ଷଣ୍ଡ, ନୃତ୍ୟଶିଳ୍ପୀ ସୁଶ୍ରୀ ଅର୍ପିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ କାର୍ଯ୍ୟକ୍ରମରେ ସମାଜସେବୀ ବିରଞ୍ଚି ନାରାୟଣ ପାଣି, ସମାଜସେବୀ ଦେବାଶିଷ ମିଶ୍ର, ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଶିକ୍ଷୟିତ୍ରୀ ଲିଲିଜ୍ୟୋତି କାୱା, ପ୍ରୋଗ୍ରାମ ଅଫିସର ସସ୍ମିତା ମିଶ୍ର, ବିଶିଷ୍ଟ ନୃତ୍ୟଶିଳ୍ପୀ ଗୁରୁ ଗୌରୀଶଙ୍କର ଦାଶ, ସମାଜସେବୀ ଆଶିଷ କେଡ଼ିଆ, ସମାଜସେବୀ ବିନୋଦ ବର୍ମା ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀଚୈତନ୍ୟ ଉଚ୍ଚ ବିଦ୍ୟାଳୟ, ସରକାରୀ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସିମିଳଈ, ନୃତ୍ୟ ପଲ୍ଲବୀ ଡ୍ୟାନ୍ସ ଏକାଡେମି ଯାଜପୁରର ଛାତ୍ରୀଛାତ୍ର ବେଶ୍ ଚିତାକର୍ଷକ ନୃତ୍ୟ ପ୍ରଦର୍ଶନ କରିଥିଲେ । ନୃତ୍ୟଶିଳ୍ପୀ ମଧୁସ୍ମିତା ସାହୁଙ୍କୁ ନୃତ୍ୟାଂଶୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭ୍ୟା ସନ୍ଧ୍ୟାରାଣୀ କାଣ୍ଡି ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।



ନୃତ୍ୟଶିଳ୍ପୀ ମଧୁସ୍ମିତା ସାହୁଙ୍କୁ ନୃତ୍ୟାଂଶୀ ସମ୍ମାନରେ ସମ୍ମାନିତ କରାଯାଉଛି ।

**ଅନୁଗୋଳରେ କାୟା ମେଲାଉଛି ଡେଙ୍ଗୁ**

ଅନୁଗୋଳ,୧୧।୯(ମାନସ ବିଶ୍ୱାଳ)- ଅନୁଗୋଳ ଜିଲାରେ କାୟା ମେଲାଇବାରେ ଲାଗିଛି ଡେଙ୍ଗୁ। ଜିଲାରେ ଆଉ ୪ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାରୁ ଏହାକୁ ମିଶାଇ ଚଳିତବର୍ଷ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୫୦ ଛୁଇଁଛି। ଜିଲାର ବିଭିନ୍ନ ସ୍ଥାନରୁ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଥିବାରୁ ପ୍ରଶାସନର ଚିନ୍ତା ବଢ଼ିବାରେ ଲାଗିଛି। ଜଣେ ରୋଗୀ ଡେଙ୍ଗୁ ୱାର୍ଡରେ ଚିକିତ୍ସିତ ହେଉଥିବା ସିଡିଏମଓ ଡା. ଶିବାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି।



# ମାସକରେ ୨୬ ଦୁର୍ଘଟଣା, ୧୫ ମୃତ୍ୟୁ

- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ
- ଅନୁଗୋଳ ବାଇପାସ୍ କାର୍ଯ୍ୟ ତ୍ୱରାନ୍ୱିତ କର
- ଗାଡ଼ି ଯାଞ୍ଚ କଡ଼ାକଡ଼ି କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ


ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ,୧୧।୯(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ମଙ୍ଗଳବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମହମ୍ମଦ ଅବଦଲ ଅଖତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଗତ ଅଗଷ୍ଟ ମାସରେ ଘଟିଥିବା ଦୁର୍ଘଟଣା ପାଇଁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ଅଗଷ୍ଟ ମାସରେ ଜିଲାରେ ମୋଟ ୨୬ଟି ଦୁର୍ଘଟଣା ଘଟିଥିବା ବେଳେ ୧୫ ଜଣଙ୍କ ମୃତ୍ୟୁ, ୮ଜଣ ଗୁରୁତର ଓ ୩ ଜଣ ସାମାନ୍ୟ ଆହତ ହୋଇଥିବା ସୂଚନା ଦିଆଯାଇଥିଲା।

ଏହି ଦୁର୍ଘଟଣା ମଧ୍ୟରୁ ଗତ ମାସରେ ୧୫ଟି ଦୁର୍ଘଟଣା କେବଳ ଜାତୀୟ ରାଜପଥରେ ଘଟିଥିବା ବେଳେ ୧୧ଟି ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ଅଞ୍ଚଳରେ ଘଟିଛି। ଗତ ମାସରେ ୮୫୫ ଜଣ ବିନା ହେଲମେଟ୍, ୫୭ ଜଣ ବିନା ସିଟବେଲ୍ଟ ଓ ୯୧୩ ଜଣଙ୍କ ଠାରୁ ଦ୍ରୁତ ଗାଡ଼ି ଚାଳନା ପାଇଁ ଜରିମାନା ଆଦାୟ କରାଯାଇଛି। ୨୬୭ ଜଣଙ୍କ ଲାଇସେନ୍ସ ନିଲମ୍ବନ କରାଯାଇଛି। ମଦ୍ୟପାନ କରି ଗାଡ଼ିଚାଳନା କରିଥିବା ୪୬ ଜଣଙ୍କୁ ଗିରଫ ସହ ସେମାନଙ୍କ ଗାଡି ଜବତ କରାଯାଇଛି। ପୋଲିସ ଓ ପରିବହନ ବିଭାଗ ଅଧିକାରୀ ମିଳିତ ଚଢାଉ କରି ଯାନବାହନ, ହେଲମେଟ୍, ସିଟ୍ ବେଲ୍ଟ ଆଦି କଡାକଡି ଯାଞ୍ଚ କରିବା ପାଇଁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅନୁଗୋଳ ବାଇପାସ୍ ରାସ୍ତାର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ଉକ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜାତୀୟ ରାଜପଥର ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜାତୀୟ ରାଜପଥ ୧୪୯ (ତାଳଚେର ଠାରୁ ପାଲଲହଡା)ର ମରାମତି ନିମନ୍ତେ ପରିବହନ ବିଭାଗ ତରଫରୁ ପ୍ରସ୍ତାବ ରଖାଯାଇଥିଲା। ଉକ୍ତ ଜାତୀୟ ରାଜପଥ (ଢେଙ୍କାନାଳ ଶାଖା)ର ଅଧିକାରୀମାନେ ବୈଠକରେ ଯୋଗଦେଇ ନ ଥିବାରୁ ଜିଲାପାଳ କ୍ଷୋଭ ପ୍ରକାଶ କରିବା ସହ ଆସନ୍ତା ବୈଠକରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଶିବାନନ୍ଦ ମହାନ୍ତି, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡନାୟକ, ଉପ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାରଙ୍କ ସମେତ ଜାତୀୟ ରାଜପଥ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରଶର ସିଲ୍ କଲା ପାଲଲହଡ଼ା ପ୍ରଶାସନ

ପାଲଲହଡା,୧୧।୯(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଶ୍ରୀରାମପୁର ଗ୍ରାମରେ ଥିବା ଏକ ଠିକା ସଂସ୍ଥାର କ୍ରଶରକୁ ବୁଧବାର ସିଲ୍ କରିଛି ପାଲଲହଡ଼ା ପ୍ରଶାସନ। ପ୍ରକାଶ ଯେ, ପାଲଲହଡ଼ା ଉପଖଣ୍ଡ ମଧ ଦେଇ ତାଳଚେର ବିମଳାଗଡ଼ ରେଳ ପ୍ରକଳ୍ପ କାମ ଚାଲୁଥିବାବେଳେ ଖମାର ଠାରୁ ଶ୍ରୀରାମପୁର ପର୍ଯ୍ୟନ୍ତ ୧୮ କିମି ରେଳଲାଇନ ବିଛାଇବା କାମ ଏକ ଠିକା ସଂସ୍ଥା କରୁଛି। ଉକ୍ତ ଠିକା ସଂସ୍ଥା ଶ୍ରୀରାମପୁର ଠାରେ ଏକ କ୍ରଶର ୟୁନିଟ୍ ସ୍ଥାପନ କରିଥିଲା। ଭଡ଼ା ନେଇଥିବା ବ୍ୟକ୍ତିଗତ ଜମି ସହ କିଛି ଜଙ୍ଗଲ ଜମିକୁ ସଂସ୍ଥା ଅକ୍ତିଆର କରିଥିବା ଏବଂ କ୍ରଶର ୟୁନିଟ୍ ସ୍ଥାପନ ନିମନ୍ତେ ଥିବା ସରକାରୀ ନିୟମାବଳୀକୁ ସଂସ୍ଥା ଅଣଦେଖା କରିଥିବା ବିଭିନ୍ନ ମହଲରେ ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପାଲଲହଡ଼ା ତହସିଲଦାର ସୁଶ୍ରୀ ଆକାଂକ୍ଷା ମହାପାତ୍ର ଏକ ଟିମ୍ ଗଠନ କରି ଉକ୍ତ କ୍ରଶର ଉପରେ ଚଢାଉ କରି ସିଲ୍ କରିଥିଲେ। ଏହି ଚଢ଼ାଉରେ ରାଜସ୍ୱ ନିରୀକ୍ଷକ ରାକେଶ ପ୍ରଧାନ, କିଶୋର ଚନ୍ଦ୍ର ପ୍ରଧାନଙ୍କ ସମେତ ଅମିନ, ରେକର୍ଡ କିପର ସାମିଲ ଥିଲେ।

## ଶିକ୍ଷକପଡ଼ା, ଗୀତାଗ୍ରାମବାସୀଙ୍କୁ ମିଳୁ ମୌଳିକ ସୁବିଧା

**ବିଧାନସଭାରେ ଦାବି ଉପସ୍ଥାପନ କଲେ ବିଧାୟକ**

ଅନୁଗୋଳ,୧୧।୯(ମାନସ ବିଶ୍ୱାଳ)/ (ଜ୍ୟୋତିରଞ୍ଜନ ସାହୁ)



ଅନୁଗୋଳ ପୌରପାଳିକାର ୧ ଓ ୧୬ ନମ୍ବର ୱାର୍ଡରେ ଥିବା ଶିକ୍ଷକପଡା ଏବଂ ଗୀତାଗ୍ରାମ ଅଞ୍ଚଳର ବାସିନ୍ଦାଙ୍କୁ ପୌରପାଳିକାର ବାସିନ୍ଦା ଭାବେ ମୌଳିକ ସୁବିଧା ସୁଯୋଗ ମିଳୁନାହିଁ। ଏ ନେଇ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ବିଧାନସଭାରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ବିଧାୟକ ଦାବି ଉପସ୍ଥାପନ କରି କହିଛନ୍ତି, ଶିକ୍ଷକପଡା ଏବଂ ଗୀତାଗ୍ରାମ ବାସୀ ଗତ ସାଧାରଣ ନିର୍ବାଚନରେ ଅନୁଗୋଳ ପୌରପାଳିକା ଓ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ଭାବେ ଭୋଟ ଦେଉଛନ୍ତି। କିନ୍ତୁ ସେହି ଅଞ୍ଚଳର ବାସିନ୍ଦା ପୌରପାଳିକାର ବାସିନ୍ଦା ଭାବେ କୌଣସି ମୌଳିକ ସୁବିଧା ସୁଯୋଗ ପାଇପାରୁନାହାନ୍ତି। ତେଣୁ ସେମାନେ କିପରି ପୌରପାଳିକାର ମୌଳିକ ସୁବିଧା ସୁଯୋଗ ପାଇପାରିବେ ସେ ସମ୍ପର୍କରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ବିଧାୟକ ଦାବି କରିଥିଲେ। ଏହାପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉତ୍ତର ରଖି ଅନୁଗୋଳ ବିଧାୟକଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଧାନସଭାରେ ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିବାରୁ ପୌରାଞ୍ଚଳବାସୀ ବିଧାୟକଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଅନୁଗୋଳ ବିଧାୟକ ପ୍ରଧାନ ଚକବନ୍ଦୀ ସମସ୍ୟା ଉଚ୍ଛେଦ କରିବା ପାଇଁ ବିଧାନସଭାରେ ଦାବି ଉପସ୍ଥାପନ କରିଥିଲେ। ବିଧାୟକ କହିଥିଲେ, ଅନୁଗୋଳର ପାଖପାଖି ୯୨ଟି ରାଜସ୍ୱ ଗାଁ ବାସିନ୍ଦା ଏହି ଚକବନ୍ଦୀ ଆଇନ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ଏନ୍ଏଚ୍ ୫୫ର ମରାମତି କାର୍ଯ୍ୟ ଶେଷ ହେବାରେ ବାଧକ ସୃଷ୍ଟି ହେବା ଏବଂ ବିଶେଷକରି ମଝିକା ଗ୍ରାମ ବାସିନ୍ଦାଙ୍କ ଚକବନ୍ଦୀ ଜାଗାରେ ଯାଇଥିବା ରାସ୍ତା ପାଇଁ ହେଉଥିବା ଅସୁବିଧା କଥା ବିଧାୟକ ସରକାରଙ୍କୁ ଜଣାଇଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

ଅନୁଗୋଳ,୧୧।୯ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଶ୍ରମ ବିଭାଗ (ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ) ତରଫରୁ ଜିଲା କାର୍ଯ୍ୟାଳୟ ଠାରେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ପ୍ରଥମ ଦ୍ୱି-ପାକ୍ଷିକ ସହାୟତା ରାଶି ବଣ୍ଟନ କରାଯାଇଛି। ଜିଲାପାଳ ମହମ୍ମଦ ଅବଦଲ ଅଖତାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକ ଯୋଜନା ଅନ୍ତର୍ଗତ ଶିକ୍ଷା, ବିବାହ, ପ୍ରସୂତିକାଳୀନ, ମୃତ୍ୟୁକାଳୀନ, ଅନ୍ତ୍ୟେଷ୍ଟିକ୍ରିୟା ଆଦି କ୍ଷେତ୍ରରେ ମୋଟ ୮୯ ଜଣ ନିର୍ମାଣ ଶ୍ରମିକଙ୍କୁ ୪୦ ଲକ୍ଷ ୧୩ ହଜାର ୬୦୦ ଟଙ୍କାର ସହାୟତା ରାଶି ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମ ଅଧିକାରୀ (କଲ୍ୟାଣ) ଲିକିତା ରାୟ, ଜିଲା ଶ୍ରମ ଅଧୀକାରୀ (ପ୍ରବର୍ତ୍ତନ) ପ୍ରିୟମ୍ବଦା ସ୍ୱାଇଁ, ସହକାରୀ ଶ୍ରମ ଅଧିକାରୀ ଦେବ ପ୍ରସାଦ ମହାନ୍ତି, ପଦ୍ମଜା ସାହୁ, ଅଶ୍ୱିନୀ କୁମାର ମୁଦୁଲି ଓ ଜିଲା ଶ୍ରମ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଜିଲାପାଳ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ଶକ୍ତିଶାଳୀ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ

**ଏଆଇୟୁଟିୟୁସିର ତୃତୀୟ ଜିଲା ସମ୍ମିଳନୀ**

ଅନୁଗୋଳ,୧୧।୯(ମାନସ ବିଶ୍ୱାଳ)



ଏଆଇୟୁଟିୟୁସି ର ତୃତୀୟ ଜିଲା ସମ୍ମିଳନୀ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଶ୍ରମିକ ବିରୋଧୀ ଶ୍ରମକୋଡ୍ ବାତିଲ କରିବା, ସର୍ବନିମ୍ନ ମାସିକ ମଜୁରି ୨୮ହଜାର ଟଙ୍କା କରିବା, ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ସ୍ଥାୟୀ ଓ ସବୁଦିନିଆ କାମରେ ଠିକା ନିଯୁକ୍ତି ବନ୍ଦକରି ସମସ୍ତ ଠିକା ଶ୍ରମିକ, କର୍ମଚାରୀଙ୍କୁ ଅବିଳମ୍ବେ ସ୍ଥାୟୀ କରିବା, ମଧ୍ୟାହ୍ନ ଭୋଜନ ପାଚିକା, ଆଶା, ଅଙ୍ଗନୱାଡି କର୍ମୀ ସମେତ ସମସ୍ତ ସ୍କିମ୍ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ପକ୍ଷରୁ ତୃତୀୟ ଅନୁଗୋଳ ଜିଲା ସମ୍ମିଳନୀ ସ୍ଥାନୀୟ ଶିକ୍ଷକପଡା ଠାରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ସଙ୍ଗଠନ ଜିଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସୁରେଶ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଠିକ୍ ନେତୃତ୍ୱ, ନୀତି, ଆଦର୍ଶ ଦ୍ୱାରା ସଙ୍ଗଠିତ ଐକ୍ୟବଦ୍ଧ ଶକ୍ତିଶାଳୀ ଦୀଘସ୍ଥାୟୀ ଶ୍ରମିକ ଆନ୍ଦୋଳନ ଜରିଆରେ ନ୍ୟାଯ୍ୟ ଦାବି ହାସଲ ସମ୍ଭବ ବୋଲି ପ୍ରକାଶ କରିଥିଲେ। ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ ଚିଠାପ୍ରସ୍ତାବ ଆଗତ କରିଥିବା ବେଳେ ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ ସାଙ୍ଗଠନିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ରାଷ୍ଟ୍ରୀୟ ଉଦ୍ୟୋଗର ଶ୍ରମିକ, ଆଶା, ପାଚିକା, ବିଡି ନିର୍ମାଣ ଶ୍ରମିକଙ୍କ ପ୍ରତିନିଧି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଜିଲା ସଭାପତି ଭାବେ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଉପସଭାପତି ଭାବେ ଭିକାରୀ ପ୍ରଧାନ, ସଦାଶିବ ସିଂ, ସମ୍ପାଦକ ଭାବେ ବ୍ରଜବନ୍ଧୁ ସାହୁ, ସମ୍ପାଦକମଣ୍ଡଳୀ ସଭ୍ୟ ଭାବେ ତୀର୍ଥବାସୀ ଭୋଇ, ଟୁନା ନାଏକ, ପ୍ରତାପ ପ୍ରଧାନ, ଦୁଃଖିଶ୍ୟାମ ମଲ୍ଲିକ, ପ୍ରଦୀପ ପ୍ରଧାନ, ଅଭୟ ନାଏକ, ନକୁଳ ଚନ୍ଦ୍ର ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରତାପ ଚନ୍ଦ୍ର ସାହୁଙ୍କ ସେମତ ୬୪ ଜଣିଆ ଜିଲା କମିଟି ନିର୍ବାଚିତ କରାଯାଇଥିଲା।

# ବ୍ରାହ୍ମଣୀ ଦେବୀଙ୍କ ବାର୍ଷିକ ଯାତ୍ରା



ବଅଁରପାଳ,୧୧।୯ (ସୁବାସ ସାହୁ)

ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମସ୍ଥିତ ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ବାର୍ଷିକ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ଦେବୀ ପିତାବଳୀ ଓ ଖମ୍ବେଶ୍ୱରୀ ଠାକୁରାଣୀଙ୍କ ପୀଠରେ ଏହି ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ମା'ଙ୍କ ଆଲମକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୀଠକୁ ଅଣାଯାଇଥିଲା। ପୂଜକଙ୍କ ଦ୍ୱାରା ମା'ଙ୍କ ପୂଜାବିଧି ରୀତିନୀତି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା। ମାନସିକଧାରୀ ଶିଶୁମାନଙ୍କ ମୁଣ୍ଡନ କାର୍ଯ୍ୟ କରାଯାଇଥିଲା। ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳବାସୀ ମା ଙ୍କ ଦର୍ଶନ କରିଥିେ। ବ୍ରାହ୍ମଣୀ ଦେବୀ ସାହି ସଭାପତି ନରେଶ ଧୀର, ସମ୍ପାଦକ ବିଘ୍ନେଶ୍ୱର ବିଶୋଇ ଓ ଗ୍ରାମବାସୀ ସମସ୍ତ ସହଯୋଗ କରିଥିଲେ।

# ରୋଷେଇ ବେଳେ ଫାଟିଲା ଗ୍ୟାସ୍ ଟାଙ୍କି

- ଅଳ୍ପକେ ବର୍ତ୍ତିଲେ ନର୍ସିଂ କଲେଜ ହଷ୍ଟେଲ ଛାତ୍ରୀଛାତ୍ର
- ୫୦ ମିଟର ଦୂରରେ ପଡିଲା ଗ୍ୟାସ୍ ସିଲିଣ୍ଡର

ଅନୁଗୋଳ,୧୧।୯ (ଜ୍ୟୋତିରଞ୍ଜନ ସାହୁ)



ଅନୁଗୋଳ ତୁରଙ୍ଗସ୍ଥିତ ଏକ ନର୍ସିଂ କଲେଜ ହଷ୍ଟେଲରେ ରୋଷେଇ ବେଳେ ବୁଧବାର ଗ୍ୟାସ ଲିକ୍ ହୋଇ ୨ଟି ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା। ଏପରି କି ଗୋଟିଏ ସିଲିଣ୍ଡର ଫାଟିବା ସହ ୫୦ ମିଟର ଦୂରକୁ ଛିଟିକି ପଡ଼ିଥିଲା। ତେବେ ଅଗ୍ନିକାଣ୍ଡ ସତ୍ତ୍ୱେ ଏଥିରୁ ହଷ୍ଟେଲର ଛାତ୍ରୀଛାତ୍ର ଓ ରୋଷେୟା ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ଉକ୍ତ ନର୍ସିଂ କଲେଜ ହଷ୍ଟେଲରେ ରୋଷେଇ ବେଳେ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇଥିଲା। ଫଳରେ ୨ଟି ସିଲିଣ୍ଡରରେ ନିଆଁ ଲାଗିଯାଇଥିଲା। ଏହା ଦେଖି ରୋଷେୟା ବାହାରକୁ ଦୌଡ଼ି ପଳାଇବା ସହ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାପରେ ନିଆଁ ଲିଭାଇବାକୁ ଚେଷ୍ଟା କରାଯାଇଥିଲା। ହେଲେ ଗ୍ୟାସ୍ ଟାଙ୍କି ଫାଟିବା ସହ ଜୋର୍‌ଦାର ଅଗ୍ନିକାଣ୍ଡ ଘଟିବାରୁ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପ୍ରାୟ ୧ ଘଣ୍ଟା ପ୍ରୟାସ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡ ଯୋଗୁ ପ୍ରାୟ ୩ଲକ୍ଷ ଟଙ୍କାର ଆସବାବପତ୍ର ନଷ୍ଟ ହୋଇଯାଇଥିବା ଆକଳନ କରାଯାଇଛି। ଗ୍ୟାସ୍ ସିଲିଣ୍ଡର ଫାଟିବା ଦେଖି ଆଖପାଖରେ ବସବାସ କରୁଥିବା ଲୋକମାନେ ଆତଙ୍କିତ ହୋଇଯାଇଥିଲେ।

# 'ଶବ୍ଦଠାରୁ ଅଧିକ ବର୍ଣ୍ଣନା କରିପାରେ ଚିତ୍ରକଳା'

ଅନୁଗୋଳ,୧୧।୯ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଏକମାସ ଧରି ଚାଲିଥିବା ଚିତ୍ରକଳା ଓ ମୂର୍ତ୍ତିକଳା ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ, କର୍ମଶାଳା ପ୍ରଶିକ୍ଷକ ସତ୍ୟଭାମା ମାଝୀ, ହରିହର ସୂତାର ଓ ପ୍ରଭୁଦାନନ୍ଦ ନାଏକ ଯୋଗଦେଇଥିଲେ। ଗ୍ରନ୍ଥାପାଳ ବିଭୂତି ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡଙ୍ଗରିଆ କନ୍ଧମାନଙ୍କ ଜୀବନ ଶୈଳୀ, ପୋଷାକ, ଦେବତା, ଖାଦ୍ୟ-ପାନୀୟ ଆଦିକୁ ନେଇ ପ୍ରାୟ ୪୬ଟି ଚିତ୍ରକଳା ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ କରିଥିଲେ। ପରିଚାଳକ ଜିତେନ୍ଦ୍ର କୁମାର ଆଧୁନିକ ଶିକ୍ଷା ଓ କଳାର ଉପଯୋଗିତା ସମ୍ପର୍କରେ ନିଜ ମତାମତ ରଖିଥିଲେ। ହରିହର ସୂତାର ବର୍ଜ୍ୟବସ୍ତୁର ଉପାଦେୟତା ବିଷୟରେ ମତପୋଷଣ କରିଥିଲେ। ଅଧ୍ୟକ୍ଷ ବରାଳ ଚିତ୍ରକଳା ଶବ୍ଦ ଠାରୁ ଢେର ଅଧିକ ବର୍ଣ୍ଣନା କରିପାରେ ବୋଲି କହିଥିଲେ। ପ୍ରସ୍ତୁତ କଳାଗୁଡ଼ିକର ଆସନ୍ତା ନଭେମ୍ବରରେ ମୂଲ୍ୟାଙ୍କନ ହେବ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଯାଦବେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




# ଦଳର ଆତ୍ମା ହେଉଛନ୍ତି ସଦସ୍ୟ



ଭାଜପାର ସଦସ୍ୟତା ଅଭିଯାନ ସମୀକ୍ଷା ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅନୁଗୋଳ,୧୧।୯(ମାନସ ବିଶ୍ୱାଳ)

**ଭାଜପା ସଦସ୍ୟତା ଅଭିଯାନ ସମୀକ୍ଷା ବୈଠକ**

ଅନୁଗୋଳ ଜିଲା ଭାଜପା ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ସଦସ୍ୟତା ଅଭିଯାନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ ଏଥିରେ ପୌରୋହିତ୍ୟ କରି ଜିଲାର ସମସ୍ତ ବୁଥ୍‌ରେ ସଦସ୍ୟ କରାଇବା ଦଳର ଲକ୍ଷ୍ୟ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ ରଖୁଥିବା ଏହି ଦଳର ଆତ୍ମା ହେଉଛନ୍ତି ତାର ସଦସ୍ୟ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଯୋଗଦେଇ ସଙ୍ଗଠନକୁ କ୍ରିୟାଶୀଳ କରିବା ପାଇଁ ଅଧିକରୁ ଅଧିକ ସଦସ୍ୟତା କରାଇବା ଲକ୍ଷ୍ୟ ରହିବା ଦରକାର ବୋଲି କହିଥିଲେ। ପ୍ରାକ୍ତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ସଦସ୍ୟତା ସଂଯୋଜକ ଦିଲୀପ ପ୍ରଧାନ, ସହ ସଂଯୋଜକ ସୁଦୀପ ଗଡ଼ନାୟକ, ପ୍ରମିମା ମିଶ୍ର, ପର୍ଶୁରାମ ବାରିକ ଓ ଭବାନୀ ଜ୍ୟୋତିଷ ରାୟ ପ୍ରମୁଖ ଯୋଗଦେଇ ସଦସ୍ୟତାକୁ ବ୍ୟାପକ କରିବା ଓ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବା ଉପରେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପ ସଭାପତି ନୃସିଂହ ବରାଳ, ଅମିୟ ତ୍ରିପାଠୀ, ଅର୍ଜୁନ ସାହୁ, ବିଶ୍ୱଜିତ ମିଶ୍ର, ଚନ୍ଦନ ସ୍ୱରାଜ, ସୁଜାତା ଦାସ, ବସନ୍ତ ମଞ୍ଜରୀ ପ୍ରଧାନ, ରୋଜାଲିନ ଦାସ, ଶୁଚିସ୍ମିତା ତ୍ରିପାଠୀ, ନମିତା ଦଳବେହେରାଙ୍କ ସମେତ ଜିଲାର ସମସ୍ତ ପଦାଧିକାରୀ, ମଣ୍ଡଳ ସଭାପତି, ମଣ୍ଡଳ ସଦସ୍ୟତା ସଂଯୋଜକଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରଭାତ ହେଲେ ଏମ୍‌ପିଙ୍କ ଅନୁଗୋଳ ବ୍ଲକ ପ୍ରତିନିଧି

ଅନୁଗୋଳ,୧୧।୯(ମାନସ ବିଶ୍ୱାଳ)

ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କ ଅନୁଗୋଳ ବ୍ଲକ ପ୍ରତିନିଧି ଭାବେ ଭାଜପା ନେତା ତଥା ଜିଲା ସମ୍ପାଦକ ପ୍ରଭାତ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଏମ୍‌ପି ପାଣି ଲିଖିତ ଭାବେ ଏ ସମ୍ପର୍କରେ ଅନୁଗୋଳ ବ୍ଲକ ବିଡିଓଙ୍କୁ ଜଣାଇଛନ୍ତି। ପ୍ରଭାତ କୁମାର ଜଣେ ଦକ୍ଷ ଯୁବନେତା ସହ ପ୍ରାକ୍ତନ ସରପଞ୍ଚ ଥିଲେ। ବହୁ ସାମାଜିକ ଅନୁଷ୍ଠାନ ସହ ସେ ଜଡିତ ଅଛନ୍ତି। ବ୍ଲକ ଅଞ୍ଚଳର ଜନ ସାଧାରଣଙ୍କ ବିକାଶ ଦିଗରେ ଏମ୍‌ପିଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କରିବେ ବୋଲି ପ୍ରଧାନ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



# ୧୫ ରୁ ୨୩ ଯାଏ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା

**୨୨୦ ଷ୍ଟଲ୍ ସହ ୧୨ ଖାଦ୍ୟ ଷ୍ଟଲ୍ ବ୍ୟବସ୍ଥା**

ଅନୁଗୋଳ,୧୧।୯(ମାନସ ବିଶ୍ୱାଳ)/ (ଜ୍ୟୋତିରଞ୍ଜନ ସାହୁ)


ଖବରଦାତା ସମ୍ମିଳନୀରେ ପ୍ରଶାସନିକ ଅଧିକାରୀମାନେ।

ଅନୁଗୋଳ ଜିଲା ନାଲ୍‌କୋନଗର ଠାରେ ଜିଲା ପ୍ରଶାସନ ଓ ଓରମାସ ଆନୁକୂଲ୍ୟରେ ଆସନ୍ତା ୧୫ରୁ ୨୩ ତାରିଖ ଯାଏ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦିଆଯାଇଛି।

ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ କହିଥିଲେ, ଆସନ୍ତା ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋଠାରେ ଏହି ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ଏଥିରେ ମୋଟ ୨୨୦ ଷ୍ଟଲ ଓ ୧୨ ଗୋଟି ଖାଦ୍ୟ ଷ୍ଟଲର ବ୍ୟବସ୍ଥା କରାଯାଇଛି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏଥିରେ ଯୋଗ ଦେବେ। ସେହିପରି ହସ୍ତତନ୍ତ ଓ କୁଟିର ଶିଳ୍ପ ବିଭାଗ, ଜିଲା ଶିଳ୍ପ ପ୍ରତିଷ୍ଠାନ, ଜିଲା ଶିଶୁ ବିଭାଗ, ମିଶନ ଶକ୍ତି, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ମହିଳା ସଶକ୍ତୀକରଣ (ନୂଆଦିଲ୍ଲୀ), ଆଦିବାସୀ ମନ୍ତ୍ରାଳୟ, ଓଡ଼ିଶା ରାଜ୍ୟ ତାଳଗୁଡ ସମବାୟ ସମିତି, ଜଙ୍ଗଲ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଭାରତୀୟ ବ୍ୟବସାୟିକ ଅନୁଷ୍ଠାନ ଆଦି ଏହି ମେଳାରେ ଯୋଗ ଦେବେ। ମେଳାକୁ ଆକର୍ଷଣୀୟ କରିବା ନିମନ୍ତେ ଜିଲା ସଂସ୍କୃତି କାର୍ଯ୍ୟାଳୟ ସହଯୋଗରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ, ସେଲଫି ପଏଣ୍ଟ, ଆମ ଅସ୍ମିତା ଆମ ଗୌରବର ପ୍ରଦର୍ଶନୀ ମଧ କରାଯିବ। ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ସ୍ୱତନ୍ତ୍ର ହୁଇଲ ଚେୟାର ବ୍ୟବସ୍ଥା ରହିଛି। ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସ ଏହି ମେଳାର ସଫଳ ଆୟୋଜନ ନିମନ୍ତେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ମିଶନ ଶକ୍ତିର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଲମ୍ବୋଦର ବାସ୍କେ ଉପସ୍ଥିତ ଥିଲେ।

